# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**18 June - 2024**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ଭାରତକୁ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ କରିବା ପାଇଁ କୃଷି ବ୍ୟବସ୍ଥାର ବଡ଼ ଭୂମିକା ରହିଛି; କହିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

— ପିଏମ୍ କିଷାନ ସମ୍ମାନନିଧି ଯୋଜନାରେ ଚାଷୀମାନଙ୍କୁ ୧୭ତମ କିସ୍ତି ପ୍ରଦାନ

- ବରଗଡ଼ରେ ଚାଷୀମାନଙ୍କୁ ଲାଭାଂଶ ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ
- ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ନୂତନ ସଦସ୍ୟମାନଙ୍କର ଶପଥ ଗ୍ରହଣ
- ଭୁବନେଶ୍ୱରରେ ଡ୍ରେନ୍‌ରେ ପଡ଼ି ନାବାଳକ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଶୋକପ୍ରକାଶ; ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କାର ସହାୟତ ଘୋଷଣା

ଏବଂ

- ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା; ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୭ଟି ଜିଲ୍ଲାକୁ ସତର୍କ ସୂଚନା

***Desk/Kalahandi***

# ପିଏମ୍ କିଷାନ ସମ୍ମାନନିଧି

କେନ୍ଦ୍ର ସରକାର କୃଷକ, ଯୁବକ, ନାରୀଶକ୍ତି ଏବଂ ଗରିବମାନଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ। ଭାରତକୁ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ କରିବାକୁ ହେଲେ କୃଷି ବ୍ୟବସ୍ଥାର ବଡ଼ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଉତ୍ତରପ୍ରଦେଶର ବାରଣାସୀରେ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନମନ୍ତ୍ରୀ ଆଜି ପି.ଏମ୍. କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତି ପ୍ରଦାନ କରିଛନ୍ତି ।

ଏହି ଅବସରରେ ସେ କହିଛନ୍ତି, ନୂତନ ଜ୍ଞାନକୌଶଳ ମାଧ୍ୟମରେ କୃଷିର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥିଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।

**- V/O -**

ନମୋ ଡ୍ରୋନ୍ ଦିଦି ଏବଂ କୃଷି ସଖୀ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା ଚାଷୀଙ୍କୁ ମଧ୍ୟ ସଶକ୍ତ କରାଯାଉଛି। କୃଷି ସଖୀ ଯୋଜନା ଦେଶର ୧୨ଟି ରାଜ୍ୟରେ ଆରମ୍ଭ ହୋଇଛି। ଆଗାମୀ ଦିନରେ ଏହା ଆହୁରି ବ୍ୟାପକ କରାଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O -**

ପ୍ରଧାନମନ୍ତ୍ରୀ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଜରିଆରେ ୯ କୋଟି ୨୬ ଲକ୍ଷ କୃଷକ ପରିବାରକୁ ୨୦ ହଜାର କୋଟିରୁ ଅଧିକ ଟଙ୍କା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୩୦ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ କୃଷି ସଖୀ ପ୍ରମାଣପତ୍ର ମଧ୍ୟ ଦେଇଛନ୍ତି ।

ସୂଚନା ଅନୁସାରେ, ଆଜି ରାଜ୍ୟର ବିଭିନ୍ନ ଜିଲ୍ଲାର କୃଷି ବିଜ୍ଞାନ କେନ୍ଦ୍ର ଗୁଡ଼ିକରେ ପିଏମ୍ କିଷାନ ସମ୍ମାନନିଧି ଯୋଜନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବରଗଡ଼ ଜିଲ୍ଲାରେ ୧ ଲକ୍ଷ ୨୯ ହଜାର ଚାଷୀଙ୍କୁ ଏହି ସହାୟତା ରାଶି ବଣ୍ଟନ କରିଛନ୍ତି । ସେହିଭଳି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ସମେତ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ବିଭିନ୍ନ ଜିଲ୍ଲାରେ ଉପସ୍ଥିତ ରହି ହିତାଧିକାରୀଙ୍କୁ ପି.ଏମ୍. କିଷାନ ସମ୍ମାନନିଧି ଯୋଜନାରେ ଲାଭାଂଶ ଅର୍ଥ ପ୍ରଦାନ କରିଛନ୍ତି ।

କଳାହାଣ୍ଡି ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୨୨ ହଜାର ଚାଷୀଙ୍କୁ କିସ୍ତି ପ୍ରଦାନ କରାଯାଇଛି ।

***Desk***

## ପ୍ରଧାନମନ୍ତ୍ରୀ- ଯୋଗ ସଚେତନତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଏବଂ ମିଲେଟ୍‌ସ ବିଷୟରେ ସଚେତନତା ସୃଷ୍ଟି କରି ଏକ ସୁସ୍ଥ ସମାଜ ଗଠନ କରିବାରେ ନେତୃତ୍ୱ ନେବାକୁ ଗ୍ରାମ ପଞ୍ଚାୟତ ମୁଖ୍ୟଙ୍କୁ ଆହ୍ୱାନ ଦେଇଛନ୍ତି। ଗ୍ରାମ ପ୍ରଧାନମାନଙ୍କୁ ଚିଠି ଲେଖି ପ୍ରଧାନମନ୍ତ୍ରୀ  ପଞ୍ଚାୟତ ପରିସର, ବିଦ୍ୟାଳୟ, ଅଙ୍ଗନବାଡ଼ି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଅନ୍ୟାନ୍ୟ ସ୍ଥାନରେ ଯୋଗଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଏହାଦ୍ୱାରା ସାଧାରଣ ଜନତା ବିଶେଷ କରି ଯୁବବର୍ଗ ସ୍ଥାୟୀ ଏବଂ ଚାପମୁକ୍ତ ଜୀବନଶୈଳୀ ଅନୁସରଣ କରିବାକୁ ପ୍ରେରିତ ହେବେ। ଆସନ୍ତା ୨୧ ତାରିଖର ଦଶମ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଶ୍ରୀ ମୋଦୀ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଯୋଗର ସକାରାତ୍ମକ ପ୍ରଭାବ ଉପରେ ଆଲୋକପାତ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷର ବିଷୟବସ୍ତୁ ରହିଛି ‘ନିଜ ଏବଂ ସମାଜ ପାଇଁ ଯୋଗ’। ଏକ ସୁସ୍ଥ ରାଷ୍ଟ୍ରଗଠନ ପାଇଁ ସରକାରଙ୍କ ପ୍ରୟାସକୁ ଏହା ଆହୁରି ସୁଦୃଢ଼ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

***HS***

## ନାବାଳକଙ୍କ ମୃତ୍ୟୁ

ଭୁବନେଶ୍ୱରରର ଏକ ମୁକୁଳା ଡ୍ରେନ୍‌ରେ ପଡ଼ି ନାବାଳକ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକପ୍ରକାଶ କରିଛନ୍ତି।

ଏହାସହ ସେ ମୃତକଙ୍କ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଏହି ରାଶି ପ୍ରଦାନ କରାଯିବ।

ସୂଚନା ଅନୁସାରେ, ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ମସଜିଦ୍ କଲୋନୀ ପାଖରେ ଥିବା ଏକ ମୁକୁଳା ଡ୍ରେନ୍‌ରେ ପଡ଼ି ୮ ବର୍ଷର ନାବାଳକଙ୍କ ଆଜି ମୃତ୍ୟୁ ଘଟିଥିଲା।

ସେହିଭଳି ପୁରୀ ଜିଲ୍ଲା କୋଣାର୍କ ଥାନା ଅନ୍ତର୍ଗତ ଦେବୀ ନଦୀରେ ବୁଡ଼ିଯାଇ ୩ ଜଣ ନାବାଳକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ବାଲିଢିହା ଗାଁ ନିକଟସ୍ଥ ଦେବୀ ନଦୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଏହି ତିନିଜଣଙ୍କର ମୃତ୍ୟୁ ହୋଇଛି।

***HS***

## ଡିପ୍‌ଥେରିଆ ସଂକ୍ରମଣ

ରାଜ୍ୟର ତିନୋଟି ଜିଲ୍ଲାରେ ୨୧ ଜଣ ଡିପ୍‌ଥେରିଆ ରୋଗରେ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏହି ଜିଲ୍ଲାଗୁଡ଼ିକ ହେଉଛି ରାୟଗଡ଼ା, କୋରାପୁଟ ଏବଂ କଳାହାଣ୍ଡି। ଜନସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ରଙ୍କଠୁ ମିଳିଥିବା ସୂଚନା ଅନୁଯାୟୀ, ଏହି ରୋଗରେ ଏ ପର୍ଯ୍ୟନ୍ତ ୫ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଆକ୍ରାନ୍ତଙ୍କର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ସେ କହିଛନ୍ତି। ରାୟଗଡ଼ାରୁ ୧୫ ଜଣ ଚିହ୍ନଟ ହୋଇଥିବାବେଳେ କୋରାପୁଟର ବନ୍ଧୁଗାଁରୁ ଜଣେ ଏବଂ କଳାହାଣ୍ଡିରୁ ପ୍ରାୟ ୫ ଜଣ ସନ୍ଦିଗ୍ଧ

ରୋଗୀ ଚିହ୍ନଟ ହୋଇଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ଶ୍ରୀ ମିଶ୍ର କହିଛନ୍ତି ।

ବାୟୁ ଦ୍ୱାରା ସଂକ୍ରମିତ ହେଉଥିବା ଏହି ରୋଗକୁ ମୁକାବିଲା କରିବା ଲାଗି ପ୍ରଭାବିତ ଅଞ୍ଚଳର ଲୋକମାନେ ମାସ୍କ ପିନ୍ଧିବା ସହ ହାତ ଧୋଇବା ଭଳି ନିୟମକୁ ପାଳନ କରିବାକୁ ପରାମର୍ଶ ଦିଆଯାଇଛି ।

ରାୟଗଡ଼ା ଜିଲ୍ଲାରେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତାକାଲିଠାରୁ ଅଧିକ ପ୍ରଭାବିତ କାଶୀପୁର ଅଞ୍ଚଳରେ ବୁଷ୍ଟର ଡୋଜ୍ ଟୀକା ପ୍ରଦାନ କରାଯିବ । ଏ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ସଂଯୁକ୍ତା ସାହୁ କହିଛନ୍ତି, ସେହି ଅଞ୍ଚଳରେ ନିରୀକ୍ଷଣ ଚାଲିଛି ।

ଗଜପତି, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାରେ ଆଗକୁ ଏହିଭଳି ନିରୀକ୍ଷଣ କାର୍ଯ୍ୟ କରାଯିବ ବୋଲି ଡାକ୍ତର ସାହୁ ସୂଚନା ଦେଇଛନ୍ତି ।

***HS***

## ଗ୍ରାମ୍ୟ ଉନ୍ନୟନ ସମୀକ୍ଷା

ରାଜ୍ୟରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଆଜି ସମୀକ୍ଷା କରିଛନ୍ତି । ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି । ପ୍ରକଳ୍ପଗୁଡ଼ିକର କାର୍ଯ୍ୟ

ତ୍ୱରାନ୍ୱିତ କରିବା ସହ ନୂତନ ପ୍ରକଳ୍ପ ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଥିବା ୧୦୦ ଜନସଂଖ୍ୟା ବିଶିଷ୍ଟ ଗ୍ରାମ ଗୁଡ଼ିକୁ ୩୫୦ କିଲୋମିଟର ସୁଦୀର୍ଘ ପିଚୁ ରାସ୍ତାରେ ସଂଯୋଗ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଏହାସହ ଅଧିକାରୀମାନେ ଗ୍ରାମକୁ ଯାଇ କାର୍ଯ୍ୟ ତଦାରଖ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୧୦୦ ଦିନରେ ୨୦୦ ପୋଲର କାର୍ଯ୍ୟ ସାରିବା ପାଇଁ ଏହି ବୈଠକରେ ଆଲୋଚନା ହୋଇଥିଲା।

***HS***

## ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ପୁରୀ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେବାକୁ ଥିବା ଦେବସ୍ନାନ ପୂର୍ଣ୍ଣିମା ଏବଂ ରଥଯାତ୍ରାର ପ୍ରସ୍ତୁତିକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଏବଂ ଦଇତାପତି ନିଯୋଗମାନଙ୍କ ଉପସ୍ଥିତିରେ ନୀତିକାନ୍ତି ଓ ସେବାୟତଙ୍କ କାର୍ଯ୍ୟ ସମ୍ପାଦନ ଉପରେ ବୈଠକରେ ଆଲୋଚନା ହୋଇଛି। ଶ୍ରୀମନ୍ଦିର ପରିଚାଳନା କମିଟିର ସ୍ୱତନ୍ତ୍ର ବୈଠକ ଆସନ୍ତାକାଲି ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ଆସନ୍ତା ୨୨ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ଏବଂ ଆସନ୍ତା ମାସ ୭ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବ।

*Malkangiri*

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବୈଠକ

ମାଲକାନଗିରି ଜିଲ୍ଲାରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଏକ ଜିଲ୍ଲାସ୍ତରୀୟ ବୈଠକ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।

*Bargarh*

## ଜନଶୁଣାଣି କାର୍ଯ୍ୟକ୍ରମ

ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ସଭାଗୃହରେ ଜିଲ୍ଲାପାଳ ଆଦିତ୍ୟ ଗୋଏଲ ମୁଖଙ୍କ ଅଧ୍ୟକ୍ଷତାରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକର ୨୪ଟି ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନେଇ ୬୩ ଜଣଙ୍କ ଅଭିଯୋଗର ଶୁଣାଣି ହୋଇଥିଲା ।

*Balangir*

## ସିକିଲ ସେଲ୍-ବଲାଙ୍ଗୀର

ବଲାଙ୍ଗୀରଠାରେ ଜିଲ୍ଲା ପ୍ରଶାସନ ଓ ସାମାଜିକ କଲ୍ୟାଣ ବିଭାଗର ମିଳିତ ସହଯୋଗରେ ବିଶ୍ୱ ସିକିଲ୍ ସେଲ୍ ସଚେତନତା ଦିବସ ପାଳନର ଶୁଭାରମ୍ଭ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିକିଲ୍ ସେଲ୍ ରୋଗ ସମ୍ପର୍କରେ

ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ମତପ୍ରକାଶ ପାଇଥିଲା। ଡାକ୍ତରଖାନାରେ ଏହି ରୋଗର ନିରୂପଣ ପାଇଁ ବିଭିନ୍ନ ପରୀକ୍ଷଣର ବ୍ୟବସ୍ଥା ଥିବା ନେଇ ଉପସ୍ଥିତ ବରିଷ୍ଠ ନାଗରିକ ଓ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା।

***Desk***

## ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ଆଜି ପ୍ରବଳ ବର୍ଷା ହୋଇଛି। ଏହା ଫଳରେ ଗ୍ରୀଷ୍ମପ୍ରବାହରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୭ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।